**Orissa Bhaskar, Bhubaneshwar, Sep 8 2008**

# ୧୦ମ ଟିସିଏସ୍ ଆଇଟି କ୍ୱିଇଜ୍ ବିଜୟୀ ହେଲା ଡିଏଭି ପବ୍ଲିକ ସ୍କୁଲ

ଭୁବନେଶ୍ୱର, (ଆ.ପ୍ର.): ଟାଟା କନ୍ସଲୋଟାନ୍ସୀ ସର୍ଭିସେସ୍ (ଟିସିଏସ୍) ଦ୍ୱାରା ଭୁବନେଶ୍ୱରର 'ପାଲ ହାଇଟ୍ସ' ଠାରେ ୧୦ମ ବାର୍ଷିକ ସର୍ବଭାରତୀୟ ଆଇଟି କ୍ୱିଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରରୁ ଏକ ହଜାର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଫାଇନାଲ ରାଉଣ୍ଡରେ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ଅରୋଜ୍ୟୋତି ଦାସ ଓ ଅମ୍ବାରିଶ ସଡଙ୍ଗୀ ସହ ଲୋୟଲା ସ୍କୁଲର ଆକାଶ ମିଶ୍ର ଓ ଅଭୟ ନାୟକଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏଭି ପବ୍ଲିକ ସ୍କୁଲ ବିଜୟୀ ଲାଭ କରିବା ସହ ଲୋୟଲା ସ୍କୁଲ ରନର୍ସ ଅପ୍ ହୋଇଥିଲା। ଏହାପରେ ଉତ୍ସବର ମୁଖ୍ୟ ଅତିଥି ତଥା ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ଭିସାଲ.କେ. ଦେବ ଏବଂ ଟିସିଏସ୍ ଶାଖାର ମୁଖ୍ୟ ମନୋଜ ପଣ୍ଡା ଡିଏଭିର ବିଜେତା ଅରୋଜ୍ୟୋତି ଦାସ ଓ ଅମ୍ବାରିଶ ଷଡଙ୍ଗୀଙ୍କୁ ଟ୍ରଫି ସହ ଲାପଟପ ଏବଂ ରନର୍ସ ଲୋୟଲା ସ୍କୁଲର ଆକାଶ ମିଶ୍ର ଓ ଅଭୟ ନାୟକଙ୍କୁ ଟ୍ରଫି ସହ ପୋର୍ଟେବୁଲ ଡିଭିଡି ପ୍ଲେୟାର ଓ ଡିଜିଟାଲ କ୍ୟାମେରା ପ୍ରଦାନ କରିଥିଲେ।